## ଆଜି କ'ଣ କେଉଁଠି

**ଜି ଉଦୟଗିର**
- ଜିଲା ସ୍ତରୀୟ ଭାରତ ସ୍କାଉଟ ଓ ଗାଇଡସ କାମ୍ପୋରୀ ଉଦଘାଟନ ଉତ୍ସବ। ସ୍ଥାନ – ହବାକ ହାଇସ୍କୁଲ ପରିସର, ସମୟ–ଅପରାହ୍ନ ୩ଟା।

**ବୁଗୁଡା**
- ବୁଗୁଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକୋତ୍ସବ। ସ୍ଥାନ– ଶିକ୍ଷାକେନ୍ଦ୍ର ପରିସର,ସମୟ– ଅପରାହ୍ନ ୫ଟା।
- ଜାତୀୟ ବିଜ୍ଞାନ ଦିବସ। ସ୍ଥାନ– ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ– ପୂର୍ବାହ୍ନ ୧୦ଟା।

# ଧାନକିଣା ଦାବିରେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା


କିଷାନ ମୋର୍ଚ୍ଚା କର୍ମୀଙ୍କ ଧାରଣା।

**ଛତ୍ରପୁର,୨୭।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ସମସ୍ତ ଚାଷୀଙ୍କ ଧାନ କିଣିବା ଦାବି ନେଇ ସୋମବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଷାନ ମୋର୍ଚ୍ଚା ପକ୍ଷରୁ ଧାରଣା ଦିଆଯାଇଥିଲା। ଏନେଇ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଖରିଫରେ ଧାନ ଫସଲ ଭଲ ହୋଇଥିବାରୁ ପ୍ରାୟ ୨ ଗୁଣା ଧାନ ଅମଳ ହୋଇଛି । ଆହୁରି ୨୦ ହଜାର ପଞ୍ଜୀକୃତ ଚାଷୀ ଧାନ ବିକିବା ଅପେକ୍ଷାରେ ଅଛନ୍ତି । ଏଥିପାଇଁ ୧୦ ଲକ୍ଷ କୁଇଣ୍ଟାଲ ଧାନ ଟାର୍ଗେଟର ଆବଶ୍ୟକତା ଅଛି। ତୁରନ୍ତ ଏହି ଟାର୍ଗେଟ ଆଣି ଚାଷୀଙ୍କ ଧାନ କିଣିବା ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଆହୁରି କୁହାଯାଇଛି, ୧ ମାସ ହେଲା ୨୦ ହଜାରରୁ ଅଧିକ ଚାଷୀ ଧାନ ବିକି ସୁଦ୍ଧା ଟଙ୍କା ପାଇନାହାନ୍ତି । ସରକାରୀ ନିୟମ ପ୍ରକାରେ ଧାନ ବିକିବାର ୪୮ ଘଣ୍ଟା ମଧ୍ୟରେ ଟଙ୍କା ମିଳିବା କଥା । ତୁରନ୍ତ ଏହା ପ୍ରଦାନ କଲେ ଚାଷୀମାନେ ଉପକୃତ ହେବେ। ଏଥିରେ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ସିପିଆଇର ନୀଳକଣ୍ଠ ଦାଶ, ରାଜୀବ ଲୋଚନ ପଣ୍ଡା, ସୀମାଞ୍ଚଳ ସାହୁ ଓ ପି.କ୍ରିଷ୍ଣା ରେଡ୍ଡୀ ପ୍ରମୁଖ ସାମିଲଥିଲେ ।

# ୨ ଯୁବକଙ୍କ ନାଁରେ ମାମଲା

## କନଷ୍ଟେବଲ ପରୀକ୍ଷା ନକଲି ପ୍ରଶ୍ନପତ୍ର ଭାଇରାଲ ଘଟଣା

**ବ୍ରହ୍ମପୁର ଅଫିସ,୨୭।୨**

କନଷ୍ଟେବଲ ଲିଖିତ ପରୀକ୍ଷା ବେଳେ ନକଲି ପ୍ରଶ୍ନପତ୍ର ଭାଇରାଲ କରିଥିବା ୨ ଯୁବକଙ୍କ ନାଁରେ ବ୍ରହ୍ମପୁର ସାଇବର ଥାନାରେ ସୋମବାର ମାମଲା ରୁଜୁ ହୋଇଛି । ଟାଉନ ଥାନା ଏସ୍‌ଆଇ ରାଜକିଶୋର ପାତ୍ରଙ୍କ ଏତଲାକୁ ଭିତ୍ତିକରି ନଂ. ୫/୨୩ରେ ଏକ ମାମଲା ରୁଜୁ କରାଯାଇଛି । ଏଥିରେ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ସମ୍ପୃକ୍ତ ଥିବା ବେଳେ ଅନ୍ୟଜଣେ ସ୍ଥାନୀୟ ଯୁବକ ବୋଲି ଜଣାପଡିଛି ।

ସୂଚନାପ୍ରକାରେ, କନଷ୍ଟେବଲ ପଦ ପାଇଁ ବ୍ରହ୍ମପୁରର ୫ଟି କନ୍ଦ୍ରରେ ଲିଖିତ ପରୀକ୍ଷା ହୋଇଥିଲା। ଏଗୁଡିକ ମଧ୍ୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଗୋଟିଏ କେନ୍ଦ୍ର ରହିଥିଲା । ପୂର୍ବାହ୍ନ ୧୦ଟାରୁ ୧୨ ଟା ଯାଏ ପରୀକ୍ଷା ଚାଲିଥିଲା। ତେବେ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ବ୍ରହ୍ମପୁରର ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏକ ପ୍ରଶ୍ନ ପତ୍ର ଭାଇରାଲ ହୋଇଥିଲା। ଯାହା ଚଳିତ ପରୀକ୍ଷାର ବୋଲି କୁହାଯାଇଥିଲା। ସେହିପରି ଏକ ବୈଦ୍ୟୁତିକ ଗଣମାଧ୍ୟମରେ ଏହାର ଖବର ପ୍ରସାର କରାଯାଇଥିଲା। ଟାଉନ ଥାନା ଏସ୍‌ଆଇ ରାଜକିଶୋର ପାତ୍ରଙ୍କ ମୋବାଇଲକୁ ମଧ୍ୟ ଏହି ନକଲି ପ୍ରଶ୍ନପତ୍ର ଓ ପ୍ରସାରିତ ଖବର ପହଞ୍ଚିଥିଲା । ଏ ନେଇ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯୋଗାଯୋଗ କରାଯାଇଥିଲା। ରମ୍ଭା ଥାନା ଅନ୍ତର୍ଗତ କଣ୍ଟିଆଗଡ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଏହି ପ୍ରଶ୍ନପତ୍ର ଦେଇଥିବା ଗଣମାଧ୍ୟମ ପ୍ରତିନିଧି ପୋଲିସକୁ କହିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ପାରଳାଖେମୁଣ୍ଡି,୨୭।୨(ଡି.ଏନ୍.ଏ.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ଅତିରିକ୍ତ ଜିଲା ଦୌରାଜଜ୍ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଆର୍.ଉଦୟଗିରି ଥାନା ତଥା ନୂଆଗଡ଼ ବ୍ଲକ ଅନୁଗୁରୁ ଗ୍ରାମର ଦୋତିସା ରଇତା। ପ୍ରକାଶ ଯେ, ୨୨।୧୧।୨୦୧୭ ସକାଳେ ନାବାଳିକା ଜଣକ ତାଙ୍କ ଛୋଟ ଭାଇ ସହ ମିଶି ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇ ସାରିବା ପରେ ଭାଇ ଶୀଘ୍ର ଘରକୁ ଚାଲିଯାଇଥିଲେ। ନାବାଳିକାଙ୍କୁ ଏକୁଟିଆ ପାଇ ଅଭିଯୁକ୍ତ ଜଣକ ବଳାତ୍କାର କରିଥିଲେ। ଏଥିସହ କାହା ଆଗରେ ପ୍ରକାଶ ନ କରିବା ପାଇଁ ଅଭିଯୁକ୍ତ ବିଭିନ୍ନ ଧମକ ଦେଇଥିଲେ। ନାବାଳିକା ଘରେ ପହଞ୍ଚିବା ପରେ ମା'ବାପାଙ୍କୁ ସମସ୍ତ ବିଷୟ ଜଣାଇଥିଲେ। ଏ ନେଇ ନାବାଳିକାଙ୍କ ମା' ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ବିଭିନ୍ନ ଦଫା ସହ ପୋକ୍‌ସୋ ଆକ୍ଟରେ ବିଚାର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

# ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

**ବୁଗୁଡ଼ା,୨୭।୨(ଡି.ଏନ୍.ଏ.):** ବୁଗୁଡ଼ା ଥାନା ଭଗବାନପୁର ପଞ୍ଚାୟତ ମହୁଲପଲ୍ଲୀ ଗ୍ରାମରେ ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ରବିବାର ରାତିରେ କୌଣସି କଥାକୁ ନେଇ ଭାରତୀଙ୍କୁ ତାଙ୍କ ମା' ତାଗିଦ୍ କରିବା ପରେ ସେ ବାରିପଟ ଘରକୁ ଯାଇ ଚାଉଳରେ ପୋକ ନ ହେବା ପାଇଁ ବ୍ୟବହୃତ ବିଷକୁ ଖାଇ ଦେଇଥିଲେ। ପରେ ସେ ଅଚେତ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ବୁଗୁଡ଼ା ମେଡିକାଲ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତା ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ନଂ.୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ଶିକ୍ଷକଙ୍କ ଅକାଳ ବିୟୋଗ

**ଭଞ୍ଜନଗର,୨୭।୨(ଡି.ଏନ.ଏ.):** ଭଞ୍ଜନଗର ବ୍ଲକ ବାରୁଡ଼ା ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ସରୋଜ ବେହେରା (୫୨) ସୋମବାର ଭଞ୍ଜନଗର ମେଡିକାଲରେ ଚିକିତ୍ସାଧିନ ଥିବାବେଳେ ପରଲୋକଗମନ କରିଛନ୍ତି । ଏହାପରେ ସ୍ଥାନୀୟ ବେଲେଶ୍ୱର ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ୨୦୦୧ରେ ସରୋଜ ଶିକ୍ଷା ସହାୟକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଦିର୍ଘ ୨୧ବର୍ଷ ସେବା ପରେ ମଧ ସରକାରଙ୍କ ନୂତନ ପେନସନ୍ ନିତୀ ଯୋଗୁ ସରୋଜଙ୍କ ପରିବାର ପେନସନ୍ ପାଇବାରୁ ବଞ୍ଚିତ ହେବେ। ସରକାରଙ୍କ ଏହିଭଳି କର୍ମଚାରୀମାରଣ ନିତୀ ଯୋଗୁ ଅନେକ ପରିବାର ବହୁ ଅସୁବିଧାରେ ଚଳୁଛନ୍ତି । ତେଣୁ ପୁରୁଣା ପେନସନ୍ ନିତୀ ଲାଗୁ କରିବା ପାଇଁ ଭଞ୍ଜନଗର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି।

# ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ

**ଭଞ୍ଜନଗର,୨୭।୨(ଡି.ଏନ.ଏ.):** ତାରସିଂ ଥାନା ଅନ୍ତର୍ଗତ ଟାଙ୍ଗଣ ଗ୍ରାମର ଉଜ୍ଜଳା ପାତ୍ର (୧୯) ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଜ୍ଜଳାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ଉଜ୍ଜଳାଙ୍କ କିଛିଦିନ ପୂର୍ବେ ନିର୍ବନ୍ଧ ସରିଥିଲା। ହଠାତ୍ ତାଙ୍କର ମୃତ୍ୟୁକୁ ନେଇ ପରିବାର ଲୋକେ ଚନ୍ତିତ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# କେନ୍ଦ୍ର ବଜେଟକୁ ବିରୋଧ କରି ସିପିଏମ୍‌ର ବିକ୍ଷୋଭ


ସିପିଏମ୍ ପକ୍ଷରୁ ବିକ୍ଷୋଭ କରାଯାଇଛି।

**ବ୍ରହ୍ମପୁର ଅଫିସ,୨୭।୨**

କେନ୍ଦ୍ର ସରକାରଙ୍କ ୨୦୨୩–୨୪ ବର୍ଷର ବଜେଟ ସମ୍ପୂର୍ଣ୍ଣ ଜନ ବିରୋଧୀ ଦର୍ଶାଇ ଏହାର ପ୍ରତିବାଦରେ ସିପିଆଇ (ଏମ୍) ଗଞ୍ଜାମ ଜିଲା କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ବ୍ରହ୍ମପୁର ସିଟି ବସ୍‌ଷ୍ଟାଣ୍ଡ ନିକଟରେ ଗଣ ବିକ୍ଷୋଭ ସହ ପଥପ୍ରାନ୍ତ ସଭା ହୋଇଥିଲା। କେନ୍ଦ୍ର ଏନ୍‌ଡିଏ ସରକାର କୃଷକ, ଶ୍ରମିକ ଓ ଦେଶବାସୀଙ୍କ ପ୍ରମୁଖ ଶତ୍ରୁ ହୋଇଥିବା ନାରାବାଜି କରାଯାଇଥିଲା। ଜୀବନ, ଜୀବିକା ଓ ସମ୍ବିଧାନର ସୁରକ୍ଷା ନିମନ୍ତେ ମୋଦି ସରକାର ହଟାଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା।

ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପ୍ରତାପ ଚୌଧୁରୀ, ବାବୁଲା ନାୟକ, ଗୋପାଳ ପାଣଗ୍ରାହୀଙ୍କ ସମେତ ଶତାଧିକ କର୍ମୀ ଲାଲ ପତାକା ଧରି କେନ୍ଦ୍ର ସରକାର ବିରୋଧରେ ଗର୍ଜନ କରିଥିଲେ। ଏହା ସପ୍ତାହ ବ୍ୟାପୀ ଚାଲିବାର କାର୍ଯ୍ୟକ୍ରମ ରହିଛି। ସେହି ପ୍ରକାରେ ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ସମାବେଶ ହୋଇଛି। ମଙ୍ଗଳବାର ବ୍ରହ୍ମପୁର ରେଳଷ୍ଟେଶନ ପାଖରେ ଏବଂ ୨ ତାରିଖରେ ବିଜୟା ଛକରେ କରାଯିବାର ଚୂଡ଼ାନ୍ତ ହୋଇଛି।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଦାରିଙ୍ଗବାଡ଼ି, ୨୭।୨(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ିଠାରେ ଥିବା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ(ଓଡ଼ିଶା ସରକାରଙ୍କ)ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ପ୍ରଥମଥର ପାଇଁ ବାର୍ଷିକ ଉତ୍ସବ ସଙ୍ଗମ–୨୦୨୩ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସୋନାଲିତା ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ବିଇଓ ରସାନନ୍ଦ କର, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁ ପଡ୍ରା, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠ, ସରପଞ୍ଚ ଚନ୍ଦ୍ରିକା ମଲିକ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧାପକ ରମାକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭାରପ୍ରାପ୍ତ ଅଧକ୍ଷା ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ ମସିହାରେ ଖୋଲାଯାଇଥିବା ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୋଭିଡ୍ ପରେ ପ୍ରଥମଥର ପାଇଁ ଏହି ଉତ୍ସବ ପାଳନକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟର ଅଧାପିକା ଅଧାପକଙ୍କ ମଧ୍ୟରେ ଖୁସିର ଲହରି ଦେଖାଯାଇଛି। ଏଥିସହ ଉକ୍ତ ବିଦ୍ୟାଳୟରେ ରହିଥିବା ଛୋଟ ବଡ଼ ସମସ୍ୟାର ସମାଧାନ କରାଯାଇ ଛାତ୍ରୀଛାତ୍ରଙ୍କୁ ସମସ୍ତ ପାଠପଢ଼ାର ମୌଳିକ ସୁବିଧା କରାଯିବ ବୋଲି ବିଧାୟକ କହିଛନ୍ତି। ସେହିପରି ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି, ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧାପିକା ଅଧାପକ ସତ୍ୟଜିତ ଧାମୁଡ଼ିଆ, ଶର୍ମିଷ୍ଠା ପ୍ରଧାନ, ହରପ୍ରିୟା ବେହେରା, ଶ୍ରୀନିତା ସୋନାଲିନ, ଅଜୟ କୁମାର ଗୌଡ଼, ସସ୍ମିତ ସତ୍ୟପ୍ରକାଶ ମିଶ୍ର, ରଶ୍ମିତା ଦଳାଇ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

## ୭୨ଅଭିଯୋଗ ୩୫ହଜାର ସହାୟତା

**ଦାରିଙ୍ଗବାଡି,୨୭।୨(ଡି.ଏନ.ଏ.)**

କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସୋମବାର ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣି କରିଛନ୍ତି। ଏଥିରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୋଟ ୭୨ ଅଭିଯୋଗ ଆସିଥିଲା। ସେଥିରେ ୪୯ ବ୍ୟକ୍ତିଗତ ସମସ୍ୟା ରହିଥିବା ବେଳେ ୨୩ ସାମୁହିକ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

ସେହିପରି ୩ ଜଣଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୫ ହଜାର ଟଙ୍କା ସହାୟତା କରାଯାଇଥିଲା। ସେହିପରି ବାଡବାଙ୍ଗା ପଞ୍ଚାୟତରେ ଚିକିତ୍ସା କେନ୍ଦ୍ର କରାଯିବା ସହ ମୋବାଇଲ ଟାୱାର, ବସୁଧା ଯୋଜନାରେ ପାଇପ ଯୋଗେ ଯୋଗାଇଦିଆଯାଉଥିବା ବେଳେ ରାସ୍ତା ସମ୍ପ୍ରସାରଣ ଯୋଗୁ ପାଇପ ଗୁଡିକ ନଷ୍ଟ ହେଉଛି ତାକୁ ତୁରନ୍ତ ମରାମତି ଆଦି କରାଯିବାକୁ ସରପଞ୍ଚ ପ୍ରସନ୍ନ ପ୍ରଧାନ ଜିଲାପାଳନଙ୍କୁ ଅବଗତ କରାଇଛନ୍ତି। ସେହିପରି ହାତୀମୁଣ୍ଡା ପଞ୍ଚାୟତର କୁମ୍ଭାରୀପଦର ଭୂସ୍ଖଳନ ହୋଇଥିଲା ସେଠାକାର ବାସିନ୍ଦାଙ୍କୁ ପ୍ରଶାସନ ଅନ୍ୟତ୍ର ଥଇଥାନ କରୁଥିବାବେଳେ ତା ନିକଟବର୍ତ୍ତି ତାମାଙ୍ଗି ଗ୍ରାମର ମଧ ୩୫୦ ପରିବାରଙ୍କୁ ପକ୍କା ଘର ନିର୍ମାଣ କରି ଅନ୍ୟତ୍ର ଥଇଥାନ କରିବାକୁ ଦାବି କରିଛନ୍ତି। ଦିବ୍ୟାଙ୍ଗଙ୍କୁ ମୌଳିକ ସୁବିଧା ସହ ଆବାସ ଯୋଜନାରେ ସାମିଲ, ମୋବାଇଲ ଟାୱାର ସ୍ଥାପନ ଆଦି ଅଭିଯୋଗ ହୋଇଛି। ଅଭିଯୋଗ ଶୁଣାଣି ବେଳେ ବାଲିଗୁଡା ଏସ୍‌ଡିପି ରୋହିତ ବର୍ମା, ଦାରିଙ୍ଗବାଡି ତହସିଲଦାର ଡ. ଅଶୋକ କୁମାର ଦାସ, ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ଜିଲା ସମେତ ଉପଖଣ୍ଡ ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ।

# କବି ନୃସିଂହାନନ୍ଦ ସମ୍ମାନିତ

**ଫୁଲବାଣୀ ଅଫିସ,୨୭।୨**

କନ୍ଧମାଳ ଜିଲା ଫିରିଙ୍ଗିଆରେ ଅନୁଷ୍ଠିତ ଲୋକ କଳାକାର ସମାବେଶରେ ଫୁଲବାଣୀର କବି ଓ ଲେଖକ ଡା. ନୃସିଂହାନନ୍ଦ ମହାପାତ୍ରଙ୍କୁ ପଲ୍ଲୀକବି ନନ୍ଦ କିଶୋର ବଳ ସମ୍ମାନରେ ସମ୍ମାନିତ କରାଯାଇଛି । ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଡା. ମହାପାତ୍ରଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, କଟକ–ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲ୍ଲିକ, କଳା ଓ ସଂସ୍କୃତିର ରାଜ୍ୟ ଅଧକ୍ଷ ଲକ୍ଷ୍ମୀଧର ସାହୁ, ବୌଦ୍ଧ ଉପଜିଲାପାଳ ରବୀନ୍ଦ୍ର କହଁର, ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ, ତହସିଲଦାର ଏମ୍ ଅନୁରାଧା, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ନୃସିଂହାନନ୍ଦଙ୍କୁ ସମ୍ମାନିତ କରାଯାଉଛି।

# କନ୍ଧୁଣୀଦେବୀଙ୍କ ଜମିରୁ ଜବରଦଖଲ ଉଚ୍ଛେଦ

**ପୋଲସରା,୨୭।୨(ଡି.ଏନ.ଏ.)**

ପୋଲସରା ଏନ୍‌ଏସି ଦେବୀ ନଗର ନିକଟସ୍ଥ କନ୍ଧୁଣୀଦେବୀ ମନ୍ଦିର ପରିସରରେ ଥିବା ବହୁ ଜମି କିଛି ବ୍ୟକ୍ତିଙ୍କ ଜବର ଦଖଲରେ ରହି ଆସୁଥିଲା। ସୋମବାର କନ୍ଧୁଣୀଦେବୀ ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ଜବରଦଖଲରେ ଥିବା ସମସ୍ତ ଜମି ଗୁଡିକୁ ଉଚ୍ଛେଦ କରାଯାଇଛି। ସମସ୍ତ ଜମି ମାଁ କନ୍ଧୁଣୀଦେବୀଙ୍କ ଉଦ୍ଦେଶ୍ୟରେ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଉପଯୋଗୀ ହେବ। ଏପରିକି ଆଗାମୀ ଦିନରେ ମା' କନ୍ଧୁଣୀଦେବୀଙ୍କ ମନ୍ଦିରକୁ କିପରି ସୌନ୍ଦର୍ଯ୍ୟକରଣ କରାଯାଇ ପାରିବ ସେହି ଉପରେ ବିଶେଷ ଆଲୋଚନା କରିଥିଲେ ମା' କନ୍ଧୁଣୀଦେବୀ ଉନ୍ନୟନ ଟ୍ରଷ୍ଟର ସଭାପତି ବଂଶୀଧର ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ଗୌଡ଼, ଅଶୋକ କୁମାର ମହାନ୍ତି, ଆବାହକ ତଥା ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଧନୁ ସାହୁ, ବିଳାସ ନାହକ, ଧୋବା ନାହକ, କାଳୁ ନାହକ ପ୍ରମୁଖ ସଦସ୍ୟମାନେ।


ଜବରଦଖଲ ଉଚ୍ଛେଦ କରାଯାଉଛି।

# ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୭।୨**

ଗଞ୍ଜାମ ଜିଲା ଶିଳ୍ପ କେନ୍ଦ୍ର ଓ ଓଡ଼ିଶା ପ୍ରକଳ୍ପ ଏବଂ ବଜାର ବିକାଶ ସଂସ୍ଥା ମିଳିତ ଆନୁକୂଲ୍ୟରେ ଜିଲା ଶିଳ୍ପ କେନ୍ଦ୍ରଠାରେ ଚାଲିଥିବା ୧୨ ଦିନିଆ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଲୋକନାଥ ଧଳ ଅଧକ୍ଷତା କରିଥିଲେ। ଶିଳ୍ପ ବିକାଶ ଅଧିକାରୀ ଆର୍ତ୍ତତ୍ରାଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଜାର ଓ ପ୍ରକଳ୍ପ ବିକାଶ ସଂସ୍ଥା ଓପିଏମ୍‌ଡ଼ିସି ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବ୍ରହ୍ମପୁର ସହର ସମେତ ଜିଲାର ବିଭିନ୍ନ ପ୍ରାନ୍ତରରୁ ୩୨ ଜଣ ଶିକ୍ଷିତ ଯୁବତୀ ଯୁବକ କ୍ଷୁଦ୍ର ଓ ବୃହତ ଉଦ୍ୟୋଗ ବିକାଶ ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ଏହା ସହ ପିଏମ୍‌ଇଜିଏସ୍ ଋଣ ସମ୍ପର୍କରେ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଫଏଫଡ଼ିସିର ଭିଭି ରାମାରାଓ, ଚାଟାର୍ଡ଼ ଆକାଉଣ୍ଟାଣ୍ଟ ତୀର୍ଥବ୍ରତ ସାମନ୍ତରାୟଙ୍କ ସମେତ ଜିଲା ଶିଳ୍ପକେନ୍ଦ୍ରର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ତାଲିମପ୍ରାପ୍ତଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।



ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ବିଭିନ୍ନ ଅଧିକାରୀ।

# ଦୋଳଯାତ୍ରା ପ୍ରସ୍ତୁତି ବୈଠକ

**ଗଞ୍ଜାମ,୨୭।୨(ଡି.ଏନ.ଏ.)**


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

- ଅଧିକାଂଶ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ନେଇ ଅସନ୍ତୋଷ
- ଶବ୍ଦ ପ୍ରଦୂଷଣକୁ ରୋକ, ଯାତ୍ରାରେ ମିଳିବ ଗ୍ରାମକଣ୍ଟକ ପଟା

ଆସନ୍ତା ତିନିରୁ ଆରମ୍ଭ ହେବ ଐତିହାସିକ ଦୋଳଯାତ୍ରା। ଏଥିପାଇଁ ଏନ୍‌ଏସି ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଭାରତୀ ବିଦ୍ୟାପୀଠ କନଫରେନ୍ସ ହଲରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ଅରୁଣ କୁମାର ନାୟକ ଅଧକ୍ଷତା କରିଥିଲେ। ବିଡିଓ ଜସ୍ମିନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଏନ୍‌ଏସି ଉପନଗରପାଳ ସୁରେନ୍ଦ୍ର ବାରିକି, ବିଦ୍ୟୁତ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିଲେଶ୍ୱର ଆଚାର୍ଯ୍ୟ ଓ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ବନଜାକାନ୍ତ କର, ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, ସାନିଟେସନ ଏକ୍ସପଟ ସୁମିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରା ପରିଚାଳନା ନିମନ୍ତେ ଏନଏସି ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନୋଟିସ କରାଯାଇଥିଲେ ମଧ ଅଧିକାଂଶ ବିଭାଗର ଅଧିକାରୀ ମାନେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ବିଭିନ୍ନ ୱାର୍ଡର ଶାନ୍ତିକମିଟିଅସନ୍ତୋଷ ବ୍ୟକ୍ତ କରିଥିଲେ। ଅବ୍ୟବସ୍ଥାରେ ଶାନ୍ତି କମିଟି ବୈଠକ ସାରିଦେଲେ ବୋଲି ବଡ଼ ବଜାର ବଣିକ ସଂଘ ସମ୍ପାଦକ କାହ୍ନୁ ଚରଣ ପଣ୍ଡା ଅଭିଯୋଗ କରିଛନ୍ତି। ଗଞ୍ଜାମ ଥାନା ପୋଲିସ, ଅବକାରୀ ପୋଲିସ, ଦମକଳ ବାହିନୀ ପରି ଯାତ୍ରାରେ ମୁଖ୍ୟ ଦାୟିତ୍ୱ ଥିବା ଅଫିସରମାନେ କାହିଁକି ଅନୁପସ୍ଥିତ ରହିଲେ ପରବର୍ତ୍ତୀ ସମୟରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଯାତ୍ରା ସମୟରେ ଅଧିକ ସମୟ ପାଣି ଛଡାଯିବ, ବିଭିନ୍ନ ୱାର୍ଡରେ ଥିବା ବିଦ୍ୟୁତ ପୋଲ ଗୁଡିକରେ ଓହଳି ଥିବା ତାର ସଜଡାଯିବ, ମଦ ଦୋକାନ ସିଲ, ଗ୍ରାସୀମ କମ୍ପାନୀ ପକ୍ଷରୁ ଅସ୍ଥାୟୀ ପରିସ୍ରାଗାର ନିର୍ମାଣ କରିବା ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ଯାତ୍ରା ତିନି ଦିନ ବିଦେଶୀ ମଦ ଦୋକାନ ସିଲ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯିବ। ଯାତ୍ରା ସମୟରେ ସ୍ଥାନୀୟ ଲୋକଙ୍କୁ ଗ୍ରାମକଣ୍ଟକ ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ସୂଚନା ଦେଇଥିଲେ। ଆଗକୁ ମାଟ୍ରିକ ପରୀକ୍ଷା ଥିବା ହେତୁ ଶବ୍ଦ ପ୍ରଦୂଷଣ ଉପରେ ରୋକ ଲଗାଇଥିଲା ପ୍ରଶାସନ। ଡିଜେକୁ ନାଁ ବୋଲି ତହସିଲଦାର ରୋକ ଠୋକ ମନା କରିଥିଲେ। କମ ସାଉଣ୍ଡରେ ଡିଜେ ବଜାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତତ ସଙ୍ଗେ ସଙ୍ଗେ ଯାତ୍ରା ପୂର୍ବରୁ ବିଞ୍ଜଣା ପଲି ଠାରୁ ତ୍ରିବେଣୀ ମଠ ଚକ ଏବଂ ଦାମୋଦରପୁର ଠାରୁ ସାନ ବଜାର ଯାଏ ଏନଏସି ପ୍ରଶାସନ ପକ୍ଷରୁ ଆଲୋକ ବ୍ଯବସ୍ଥା କରାଯିବ ବୋଲି ଇଓ ଅବିନାଶ ମିଶ୍ର କହିଛନ୍ତି। ଏଥିରେ ସାନ ବଜାର ବଣିକ ସଂଘ ସଭାପତି ସୁଧୀର କୁମାର ପାଢ଼ୀ, ଯୁବ ସ୍ୱେଚ୍ଛାସେବୀ ରାକେଶ ରଞ୍ଜନ ଦାସ, ମଦନ ପାଢ଼ୀ, ବଡ଼ ବଜାର ବଣିକ ସଂଘ ସଭାପତି ଶଙ୍କର ବାରିକି, ଏନ୍‌ଏସି କର୍ମଚାରୀ କମଳ କାନ୍ତ ଭାଗ୍ୟଶ୍ରୀ ନାୟକଙ୍କ ସମେତ ସମସ୍ତ କାଉନସିଲର ଓ ୱାର୍ଡର ଶାନ୍ତି କମିଟି ଉପସ୍ଥିତ ଥିଲେ।

